ଶନିବାର, ୭ ଜୁନ୍, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ରାଜୁ ହାତରେ ନୂଆ ଫୋନ୍ ଦେଖି ବିଜୁ କହିଲା–ଏ ଫୋନ୍ କେବେ କିଣିଲୁ ?
ରାଜୁ : ଫୋନ୍ ନୂଆ ନୁହଁ ଏଇଟା ମୋ ଭାଇର।
ବିଜୁ : ଭାଇ ଫୋନ୍ କାହିଁକି ଆଣିଛୁ ?
ରାଜୁ: ସେ ପ୍ରତିଦିନ କହୁଥିଲା ମୋ ଫୋନ୍ ଥରେ ଉଠେଇଲୁ? ଆଜି ମୋତେ ଯେତେବେଳେ ମଉକା ମିଳିଲା ତା ଫୋନ୍ ଉଠାଇ ବାହାରକୁ ପଳାଇ ଆସିଲି।

(ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ସାଙ୍ଗ: ସାପ କାହିଁକି ସଡକ ପାରି ହେଲା ?
ଦ୍ୱିତୀୟସାଙ୍ଗ: ଅନ୍ୟ ପଟକୁ ଯିବା ଲାଗି !

ମିତୁ ଗିତୁକୁ କହିଲା– ଜାଣିଛୁ, ମାଛମାନେ ଏତେ ଚାଲାକ୍ କ'ଣ ପାଇଁ ହୋଇଥାନ୍ତି।
ଗିତୁ: କାରଣ ସେମାନେ ଦଳବଳ ହୋଇ ରହିଥାନ୍ତି ତ ସେଥିପାଇଁ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ମହତ୍ ଦାନ



ଗପ

କେରଳର ଏକ ଛୋଟ ଗାଁ। ଗାଁଟିର ନାମ କୋଲାମ୍। ସେ ଗାଁରେ ମୋହନ ନାମକ ଜଣେ ଶିକ୍ଷିତ ବ୍ୟକ୍ତି ଥାଆନ୍ତି। ସେ ଛୋଟମୋଟ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଅତି ସାଧାରଣ ଜୀବନଯାପନ କରୁଥିଲେ। ଖାଦ୍ୟପେୟ କି ପୋଷାକପତ୍ରରେ ଆଡମ୍ବର ନ ଥିଲା। କାମରୁ ଫୁରସତ ମିଳିଲେ ଫାଙ୍କା ସମୟରେ ଗାଁର ପିଲାମାନଙ୍କୁ ପାଠ ପଢାଇବା ତାଙ୍କର ଏକ ସଉକ ଥିଲା। କୌଣସି ପିଲାଠାରୁ କିଛି ହେଲେ ପଇସା ନିଅନ୍ତି ନାହିଁ। ତାଙ୍କ ପାଖରୁ ଶିକ୍ଷା ଲାଭ କରି ଅନେକ ପିଲା ବଡ ହୋଇ ବହୁତ ଉନ୍ନତି କରିଲେ। ତେଣୁ ଧୀରେ ଧୀରେ ତାଙ୍କର ଖ୍ୟାତି ବଢିବାରେ ଲାଗିଲା। ଏ କଥାକୁ କିନ୍ତୁ ସେ ଗାଁର ଜଣେ ଧନୀବ୍ୟକ୍ତି ସହ୍ୟ କରି ପାରୁ ନ ଥିଲେ । ସେ ତାଙ୍କ ପିଲାକୁ ଅନ୍ୟଜଣେ ଶିକ୍ଷକଙ୍କ ପାଖରେ ଟିଉଶନ ଦେଉଥିଲେ । ସେ ଭାବୁଥିଲେ ମାଗଣାରେ ସେ ଶିକ୍ଷାଦାନ କରୁଛନ୍ତି ଅର୍ଥ ଭଲ ପାଠ ପଢାଉ ନ ଥିବେ। ତେଣୁ ସେ ଟଙ୍କା ଦେଇ ଅନ୍ୟ ଜଣେ ଶିକ୍ଷକଙ୍କ ପାଖରେ ଟିଉଶନ କରାଉଥିଲେ। କିନ୍ତୁ ତାଙ୍କ ପୁଅର ମୋହନଙ୍କ ପାଖରେ ପଢିବା ପାଇଁ ଆଗ୍ରହ ଥିଲା। କାରଣ ମୋହନଙ୍କ ପାଠ ପଢାଇବାର ଶୈଳୀ ବହୁତ ଭଲ ଥିଲା। ଫଳରେ ପିଲାମାନେ ସହଜରେ ବୁଝି ପାରୁଥିଲେ। ଧନୀ ବ୍ୟକ୍ତି ଜଣକ କିନ୍ତୁ ଏକଥାକୁ ସହଜରେ ଗ୍ରହଣ କରିପାରୁ ନ ଥିଲେ। ସେ ଈର୍ଷାପରାୟଣ ହୋଇ ମୋହନଙ୍କ ବିରୋଧରେ ବିଭିନ୍ନ ପ୍ରକାର କୁତ୍ସାରଟନା କଲେ। ମୋହନ କିନ୍ତୁ କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନ ଥିଲେ। କାରଣ ତାଙ୍କର କିଛି ବି ମନ୍ଦ ଉଦ୍ଦେଶ୍ୟ ନ ଥିଲା । ସେ କେବଳ ଅବସର ସମୟରେ ପିଲାମାନଙ୍କୁ ମାଗଣା ସେବା ଯୋଗାଉ ଥିଲେ। ଏଥିରେ ଅସହିଷ୍ଣୁ ହେବା ଶୋଭନୀୟ ନୁହେଁ। ଗାଁର ସବୁ ଲୋକ କିନ୍ତୁ ମୋହନଙ୍କ ମହତ୍ ଦାନରେ ବହୁତ ଖୁସିଥିଲେ। ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ମୋହନଙ୍କୁ ପ୍ରଶଂସା କରନ୍ତି । କାରଣ ମୋହନ ଗାଁର ପିଲାମାନଙ୍କୁ ମଣିଷ କରିପାରୁଛନ୍ତି।

ମୋହନଙ୍କ ଉତ୍କୃଷ୍ଟ ପାଠପଢା କୌଶଳ କଥା ଶୁଣି ଧନୀ ବ୍ୟକ୍ତିଙ୍କର ପୁଅ ଆଉ ତାର ଟିଉଶନ ସାରଙ୍କ ପାଖକୁ ପଢିବାକୁ ଗଲା ନାହିଁ। ତା' ବାପାଙ୍କୁ ନ ଜଣାଇ ସେ ମୋହନଙ୍କ ପାଖକୁ ପଢିବାକୁ ଚାଲିଆସିଲା । କିଛି ଦିନ ଯିବା ପରେ ତାଙ୍କ ଟିଉଶନ ସାର ସେ ଧନୀ ବ୍ୟକ୍ତିଙ୍କୁ ଏକଥା ଜଣାଇ ଦେଲେ। ସେ ଆଶ୍ଚର୍ଯ୍ୟ ହେଲେ। ଅନୁସନ୍ଧାନ କରି ଜାଣିବାକୁ ପାଇଲେ ତାଙ୍କ ପୁଅ ମୋହନଙ୍କ ପାଖକୁ ପଢିବାକୁ ଯାଉଛି। ଏକଥା ଜାଣିବା ପରେ ସେ ତାଙ୍କ ପୁଅକୁ ଏହାର କାରଣ ପଚାରିଲେ। ଉତ୍ତରରେ ତାଙ୍କ ପୁଅ କହିଲା ମୋହନଙ୍କ ପାଠ ପଢା ତାକୁ ଭଲ ଲାଗୁଛି ଓ ତାର ସବୁ ସାଙ୍ଗ ମୋହନ ସାରଙ୍କ ପାଖରେ ପଢୁଛନ୍ତି । ପୁଅଠାରୁ ଏସବୁ ଶୁଣି, ଧନୀ ବ୍ୟକ୍ତି ଚୁପ୍ ରହିଲେ। ଧୀରେ ଧୀରେ ସେ ମଧ୍ୟ ଗାଁ ଲୋକମାନଙ୍କ ସହିତ ଏକମତ ହୋଇ ମୋହନଙ୍କ ମହତ୍ ଦାନକୁ ପ୍ରଶଂସା କଲେ।

**– ସତ୍ୟନାରାୟଣ ଦେହୁରୀ**
ରାଧାନଗର, ବୌଦ୍ଧ
ମୋ: ୯୯୩୮୭୫୮୩୫୩

# ତୁମ ପଢ଼ିବା ପାଇଁ

## ବର୍ଣ୍ଣାଳି




ଶିଶୁଙ୍କ ଅକ୍ଷର ଶିକ୍ଷା ଲାଗି ଏହି ପୁସ୍ତକଟି ନିହାତି ଉପାଦେୟ ହେବ ବୋଲି ବିଶ୍ୱାସ। କାରଣ ଏଥିରେ ଓଡିଆ ବର୍ଣ୍ଣମାଳା, ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ଅକ୍ଷର ଶିକ୍ଷା, ଓଡିଆ ମାସର ନାମ, ଛଅଟି ଋତୁର ନାମ, ସଂଖ୍ୟା ଲିଖନ ଆଦି ବିଷୟ ରହିଛି। ଡ.ସଂଯୁକ୍ତା ପରିଡାଙ୍କ ରଚିତ ଏହି ପୁସ୍ତକଟିର ମୂଲ୍ୟ ୧୫୦ଟଙ୍କା। ଯୋଗାଯୋଗ– ରତାପଡା, ସଡ଼ାଙ୍ଗୋଇ, ଡେଲାଙ୍ଗ, ପୁରୀ।

# ଦେଶ ଭ୍ରମଣ ମାତ୍ର କିଛି ଘଣ୍ଟାରେ



ଛୁଟିରେ ବିଭିନ୍ନ ଦେଶ ବୁଲି ଦେଖିବା ପଇଁ ଅନେକେ ଇଚ୍ଛା ରଖିଥାନ୍ତି। ଏଥିପାଇଁ ୧୦ କିମ୍ବା ୧୫ ଦିନିଆ ପ୍ୟାକେଜ୍ ସବୁ ରହିଥାଏ। କିନ୍ତୁ ଏମିତି ଏକ ଦେଶ ଅଛି ଯାହାକୁ ମାତ୍ର କେଇ ଘଣ୍ଟା ଭିତରେ ବୁଲିପାରିବେ। ହଁ ଏଇ ଦେଶଟି ହେଉଛି ଲିସେଷ୍ଟିନ୍। ଛୋଟ ହେଲେ ବି ଏଇ ଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ଆକର୍ଷଣୀୟ। ଉତ୍ତରରୁ ଦକ୍ଷିଣକୁ ଏହା ମାତ୍ର ୧୫ ମାଇଲ୍ ଓ ପୂର୍ବରୁ ପଶ୍ଚିମକୁ ମାତ୍ର ୨.୫ ମାଇଲ୍ ପର୍ଯ୍ୟନ୍ତ ବ୍ୟାପିଛି। ତେଣୁ ପୁରା ଦେଶଟିକୁ ଆପଣ ଚାହିଁଲେ ମାତ୍ର କେଇଘଣ୍ଟାରେ ଭ୍ରମଣ କରିପାରିବେ। କିନ୍ତୁ ବୁଲିବା ସମୟରେ ସତର୍କ ରହିବାକୁ ପଡିବ। କାରଣ ଆଲ୍ପସ୍ ପର୍ବତମାଳାରେ ଏହି ଦେଶ ରହିଥିବାରୁ ଏହାର ରାସ୍ତା କେତେକ ସ୍ଥାନରେ ଅତ୍ୟନ୍ତ ତୀକ୍ଷ୍ଣ ଓ ବିପଦପୂର୍ଣ୍ଣ। ତେଣୁ ଏସବୁ ରାସ୍ତା ଅତିକ୍ରମ କରିବା ସମୟରେ ସତର୍କ ରହିବାକୁ ହେବ।

# ମତାମତ

▸▸ ପ୍ଲାଷ୍ଟିକ୍ ବର୍ଜନ ଅଭିଜାନ ଗଳ୍ପଟିରୁ ପ୍ଲାଷ୍ଟିକ୍ କିପରି ଆମ ପରିବେଶ ପାଇଁ କ୍ଷତିକାରକ ତାହାକୁ ବର୍ଜନ କଲେ ପରିବେଶକୁ ସୁରକ୍ଷିତ ରଖା ଯାଇପାରିବ।

**–ରୌନକ୍ ସାହୁ, ବାଲେଶ୍ୱର**

▸▸ କବିତାଗୁଡିକୁ ଶିକ୍ଷଣୀୟ ହୋଇଥିଲା। ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସବୁଠୁ ଛୋଟ ଭ୍ୟାକ୍ୟୁମ୍ କ୍ଲିନର ବିଷୟରେ ପଢ଼ି ଜାଣିପାରିଲି।

**–ରଞ୍ଜନ ମହାନ୍ତି, ସୋନପୁର**

▸▸ ତୁମତୂଳୀରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଥିଲା।

**–ବିଶାଳ ନାୟକ, ରାଜକନିକା, କେନ୍ଦ୍ରାପଡା**

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଗତ ଥରର ରଙ୍ଗଦିଅ






**ଭାରତୀ ସିଂହ**
କ୍ଲାସ–୬, ସରକାରୀ ବାଳିକା ବିଦ୍ୟାଳୟ, ୟୁନିଟ–୧, ଭୁବନେଶ୍ୱର



# ହଲିଡେ ହୋମୱର୍କ

**ଖରାଛୁଟିରେ ବୁଲାବୁଲି ସାଙ୍ଗକୁ ହୋମୱର୍କ ବି କରିବାକୁ ହେବ। ଏକଥା ପିଲାମାନେ ଜାଣିଥା'ନ୍ତି। ହେଲେ ଲମ୍ବାଛୁଟି ଭାବି ପ୍ରଥମରୁ ହେଳାରେ ରହିଯାନ୍ତି। ଆଉ ଛୁଟି ସରିବା ବେଳକୁ ତରବର ହୋଇ ଲାଗିପଡନ୍ତି।**

ଛୁଟି ଆରମ୍ଭରୁ ପିଲାଙ୍କୁ ହଲିଡେ ହୋମୱର୍କ ଦିଆଯାଇଛି। ହେଲେ ଲମ୍ବା ଛୁଟି ଭାବି ଅନେକେ ଆରମ୍ଭରୁ ପାଠ କରି ନ ଥାନ୍ତି। ଛୁଟି ସରିବାକୁ ଆଉ ଅଳ୍ପ ଦିନ ଅଛି। ତେଣୁ ଏବେ ତ ପାଠ ସାରି ଦେବାକୁ ହେବ। ନ ହେଲେ ରଜବେଳକୁ ବୁଲାବୁଲି କରିବାର ମଜା ବି ଆସିବନି। ଏ କ୍ଷେତ୍ରରେ ପିଲାମାନେ କିଭଳି ପ୍ରସ୍ତୁତି କରିଛନ୍ତି ସେନେଇ କେତେକ ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

### ରଜ ପୂର୍ବରୁ ସରିଯିବ



ମୋର ହୋମୱର୍କ ସରିନାହିଁ। ଛୁଟି ହେବା ପରେ ପରେ ମୁଁ ଗୋଟେ ୱର୍କଶପ୍ ଜଏନ୍ କରିଥିଲି। ସେଥିପାଇଁ ୧୦ ଦିନ ସ୍କୁଲ ଯିବା ସହିତ ପ୍ରୋଜେକ୍ଟ ପୂରା କରି ଡିପୋଜିଟ୍ କରିବାର ଥିଲା। ସେ କାମ ଆଗ ସାରିବା ପରେ ହୋମୱାର୍କ କରିବା ଆରମ୍ଭ କରିଛି। ସବୁ ବିଷୟରେ ବହୁତ ହୋମୱାର୍କ ଅଛି, ତେଣୁ ଶୀଘ୍ର ସାରିବାକୁ ଚେଷ୍ଟା କରୁଛି। ମାମା କହିଛି ହୋମୱର୍କ ସାରିଲେ ହିଁ ଗାଁକୁ ରଜ ପାଳିବାକୁ ଯିବି, ନ ହେଲେ ମତେ ଯିବାକୁ ଅନୁମତି ମିଳିବନି। ସେଥିପାଇଁ ଶୀଘ୍ର କରିବାକୁ ଚେଷ୍ଟା କରୁଛି। ଆଉ ସପ୍ତାହେ ପରେ ମୋର ସବୁ ସରିଯିବ ବୋଲି ଟାର୍ଗେଟ ରଖିଛି। ତା'ପରେ ମନଖୁସିରେ ଗାଁରେ ବୁଲିବି ଆଉ ରଜ ପରେ ସ୍କୁଲ ଖୋଲିବା ବେଳକୁ ଆସିବି।

**–ସାଇ ଶିବାଙ୍ଗୀ ପାତ୍ର**

କ୍ଲାସ୍–୪, ମଧୁସୂଦନ ଶିକ୍ଷା ନିବାସ, କୋହ୍ଲାସିଂ, ଯାଜପୁର

### ଆଗ ଟ୍ୟୁଶନ ପାଠ



ଏବେ ସବୁ ହୋମୱର୍କ କରୁଛି। ଆଗରୁ କରିବାକୁ ପ୍ରାୟ ସମୟ ହେଉ ନ ଥିଲା। କାରଣ ଛୁଟି ହେବା ପରଦିନ ମୁଁ ମାମା ସହିତ କିଛିଦିନ ପାଇଁ ମାମୁଘରକୁ ଯାଇଥିଲି। ସେଠି ଅଜାଙ୍କ ଦେହ ଖରାପ ଥିଲା। ତେଣୁ ମାମା ସହ ସେଠି ୧୫ ଦିନ ରହି ଫେରିଥିଲି। ତା'ପରେ ଘରକୁ ଫେରି ୨ ମାସିଆ ଏକ କୋଚିଂ ନେଉଛି। ସେଠି ଯାହା ପାଠ ଦିଆଯାଉଛି ସେସବୁ ଆଗ କରି ଦେଖାଉଛି। ବହୁଦିନ ପରେ ସ୍କୁଲ ହୋମୱର୍କ ଆରମ୍ଭ କରିଛି। ଅବଶ୍ୟ ଏଥର ଆମ ସ୍କୁଲରେ ବେଶି ପାଠ ଦିଆଯାଇନି। ଯାହା ଦିଆଯାଇଛି ସେସବୁ ଶୀଘ୍ର ସରିଯିବ। ରଜ ପାଇଁ ଆମ ଘରକୁ ପିଉସୀ ଓ ତ । ଙ୍କ ଝିଅ ଆସିବେ। ସେତେବେଳେ ବୁଲାବୁଲି ହେବ। ତେଣୁ ଏବେଠୁ ଶୀଘ୍ର ସବୁ ପାଠ ସାରିବି ବୋଲି ପ୍ଲାନ କରିଛି।

**–ସାଇ ଦିବ୍ୟାଂଶୀ ବାରିକ**

କ୍ଲାସ– ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନାଳିବର, ଜଗତ୍‌ସିଂହପୁର

### ଆଗରୁ ସରିଯାଇଛି



ମୋର ହୋମୱର୍କ ସବୁ ସରିଯାଇଛି। ଛୁଟି ଆରମ୍ଭ ହେବା ସମୟରେ ଅଳ୍ପଦିନ ଭିତରେ ମୁଁ ଆଗ କରି ଦେଇଥିଲି। ଏବେ ଖାଲି ଟ୍ୟୁଶନ ପାଠ କରୁଛି। ସ୍କୁଲରେ ଅଳ୍ପ ପାଠ ଦିଆଯାଇଥିଲା, ତେଣୁ ଶୀଘ୍ର କରିଦେଲି, ଭଲ ଲାଗିଲା। ହେଲେ ଟ୍ୟୁଶନରେ ଅଧିକ ପାଠ ଦିଆଯାଉଛି। ମାମା ସାର୍‌ଙ୍କୁ କହିଦେଇଛି ଘରକୁ ଅଧିକ ପାଠ ଦେବାକୁ। ସେଥିପାଇଁ ସାର୍ ବେଶି ପାଠ କରିବାକୁ ଦେଉଛନ୍ତି ଯେ ଘରେ ଖେଳିବା ପାଇଁ କମ୍ ସ ମ ୟ ମିଳୁଛି। ଏବେ ରଜ ପାଇଁ ଟ୍ୟୁଶନ ୧୦ଦିନ ଛୁଟି ରହିବ। ସେଥିପାଇଁ ବି ଟ୍ୟୁଶନ ସାର୍ ଅଧିକ ପାଠ ଦେଇଛନ୍ତି। ଏସବୁ ହୋମୱର୍କ ସାରିବା ପରେ ମୁଁ ଗାଁକୁ ଯିବି ବୋଲି ମାମା କହିଛି। ତେଣୁ ଶୀଘ୍ର ସାରିବା ପାଇଁ ଚେଷ୍ଟା କରୁଛି।

**–ପିନାକୀ ଦାସ**

କ୍ଲାସ–୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର

### ରିଭିଜନ୍ କରୁଛି



ସ୍କୁଲରେ ଦିଆଯାଇଥିବା ହଲି ଡେ ହୋମୱର୍କ ତ ମୋର କେବେ ଠୁ ସରିଯାଇଛି। ହେଲେ ଏବର୍ଷ ଦଶମ ଶ୍ରେଣୀ ହୋଇଥିବାରୁ ମୋତେ ବହୁତ ଅଧିକ ପାଠ କରିବାକୁ ହେଉଛି। ଛୁଟି ଅଛି ବୋଲି ଘରେ ମାମା ଅଧିକ ପାଠ ରିଭିଜନ୍ ପାଇଁ ଦେଉଛି। ତା'ଛଡା ଟ୍ୟୁଶନରେ ବି ବହୁତ ପାଠ ଦିଆଯାଉଛି। ଏବର୍ଷ ମୋତେ ଛୁଟିର ମଜା ସେତେ ଜଣାପଡୁନି। ଅବଶ୍ୟ ଦିନକୁ ଦି ଘଣ୍ଟା ପାଇଁ ଖେଳିବାକୁ ଯାଉଛି। ହେଲେ ବାକି ସମୟ ପାଠ ପ୍ରତି ଫୋକସ୍ କରିବାକୁ ପଡୁଛି। ଯ ଦି ଶୀଘ୍ର ସରିଯାଉଛି ତା'ହେଲେ ମାମା ସବୁ ପାଠ ପୁଣି ପଚାରୁଛି। ମ୍ୟାଥ ଟିକେ କଷ୍ଟ ଲାଗୁଛି ବୋଲି ଗୋଟେ ଅନଲାଇନ୍ କୋର୍ସ ବି କରୁଛି। ସେଥିରେ ପୁଣି ବହୁତ ପାଠ ବାରମ୍ବାର କରିବାକୁ ପଡୁଛି। ତେଣୁ ଏମିତିଭାବେ ମୋର ହୋମୱର୍କ ସବୁବେଳେ ରହୁଛି।

**–ଉତ୍କଳ ଦୀପିକା ଦାସ**

କ୍ଲାସ–୧୦, ସରକାରୀ ବାଳିକା ବିଦ୍ୟାଳୟ, ୟୁନିଟ–୯, ଭୁବନେଶ୍ୱର

### କେବଳ ହସ୍ତାକ୍ଷର



ସବୁ ହୋମୱର୍କ ମୋର ସରିଗଲାଣି। ଏଥର ଛୁଟିବେଳେ ମାମା ସାର୍‌ଙ୍କୁ ଫୋନ କରି ଅଧିକ ପାଠ ଦେବାକୁ କହିଥିଲା। ତେଣୁ ପଢ଼ାବହିକୁ ଛାଡି ପ୍ରାକ୍ଟିସ୍ ପାଇଁ ସାର୍ ମୋତେ ଅଧିକ ହୋମୱାର୍କ କରିବାକୁ ଦେଇଥିଲେ। ହେଲେ ମୁଁ ସବୁ କରିଦେଇଛି। ଏବେ ଖାଲି ସବୁଦିନ ହସ୍ତାକ୍ଷର ଲେଖିବାକୁ ପଡୁଛି। ଆଉ ରଜ ପାଇଁ ଟ୍ୟୁଶନରେ ବି ଛୁଟି ଦିଆଯାଇଛି। ଏବେ ମୋର ଆଉ ବେଶି ପାଠ ନାହିଁ। ଆଉ ଗାଁକୁ ଆସି ସମସ୍ତଙ୍କ ସହିତ ବେଶ୍ ମଜାରେ ସମୟ କଟାଉଛି। ଆଉ ଅଳ୍ପଦିନ ପରେ ଛୁଟି ସରିଯିବ ବୋଲି ଟିକେ ମନଦୁଃଖ ହେଉଛି।

**–ଇପ୍‌ସିତା ଅଭିଲିପ୍ସା ସାହୁ**

କ୍ଲାସ– ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତାଳଚେର, ଅନୁଗୋଳ



୧ ସ୍ୱୟଂଜିତ୍ ସାହୁ
କ୍ଲାସ– ୩, ଡି ଏମ୍ ପବ୍ଲିକ ସ୍କୁଲ, ଟଙ୍କପାଣି ରୋଡ, ଭୁବନେଶ୍ୱର





୨ ତୁଙ୍ଗମିତ୍ରା ମାଝୀ
କ୍ଲାସ–୪, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର

୩ ଦିବ୍ୟା ଦାଶ
କ୍ଲାସ– ୫, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର





୪ ଆଦର୍ଶ କୁମାର ମେହେର
କ୍ଲାସ–୩, ଖରିଆର ପବ୍ଲିକ ସ୍କୁଲ, ଖରିଆର, ନୂଆପଡା

୫ ପି ମାହିକା ସାହୁ
କ୍ଲାସ–୧, ବ୍ରାଇଟ ଏଞ୍ଜେଲ ପାରାଡାଇଜ୍ ସ୍କୁଲ, ଚକେଇସିହାଣୀ, ଭୁବନେଶ୍ୱର





୬ ପ୍ରତୀକ ଅଦାବର
କ୍ଲାସ– ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୀରମହାରାଜପୁର, ସୁବର୍ଣ୍ଣପୁର

୭ ଅନିଶା ପ୍ରିୟଦର୍ଶିନୀ
କ୍ଲାସ– ୩, ଡାଫୋଡିଲ୍ସ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା






୮ ଜିଗ୍ନେଶ କୁମାର ମହାନ୍ତି
କ୍ଲାସ– ୨, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ବିହାର, ଭୁବନେଶ୍ୱର



୧




୨



୩



୪





୫



୬



୭




୮




## ମୌସୁମୀ ଆସୁଛି

ମଉସୁମୀ ଏଠିକୁ ଆସିବ
ଗିରୀଷମ ତାପ ନାଶିବ
ଆକାଶର ରୂପ ଧୀରେ ବଦଳିବ
ବଉଦ ତହିଁରେ ଭାସିବ।
ଝରଝର ବର୍ଷା ଝରିବ
ଚାଷୀ ବୁଣାବୁଣି କରିବ
ଚାଷ ତରତର ସଭିଏ ଜାଣନ୍ତି
ପେଟରୁ ଭୋକକୁ ହରିବ।
ପାଇଲେ ବରଷା ପରଶ
ଜଳଚର ମନ ହରଷ
ପୋଖରୀ, ଗଡ଼ିଆ ଜଳପୂର୍ଣ୍ଣ ହେଲେ
ଜୀବନ ତାଙ୍କର ସରସ।
ମଉସୁମୀର ଭାରି ଆଦର
ଗ୍ରହଣ କରନ୍ତି ସାଦର
ମଉସୁମୀ ଯୋଗୁ ଚାଷ ଭାରତରେ
ଘୋଡ଼ାଏ ଫସଲ ଚାଦର।

– ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

## ଗଛର ଦୁଃଖ

ଦଳ ବଳ ଧରି ଗଛ ଲଗାଉଛ
ଆସିଲେ ବରଷା ଋତୁ
ଗଛ ପୋତିଦେଇ ପାଣି ଟିକେ ଢାଳି
ନେତା ଯାଇଛନ୍ତି ଚାଲି।
ସବୁ ବରଷ ତ ଗଛ ଲଗାଉଛ
ଜଙ୍ଗଲ କେଉଁଠି କହ
ଟାଙ୍ଗରା ଭୂଇଁ ସବୁଆଡ଼େ ପଦା
ଖରା କାଟେ ଡହ ଡହ।
ଏ ବରଷ ଗଛ ଆଗାମୀକୁ ନାହିଁ
ଜମା ନେଉନାହଁ ଯତ୍ନ
ତୁଚ୍ଛାଟାରେ ଫି ବରଷ କରୁଛ
ବୃକ୍ଷ ରୋପଣର ନାଟ।
ଏ ଜୀବଜଗତ ବଞ୍ଚିବାକୁ ହେଲେ
ଲଗାଅ, ବଞ୍ଚାଅ ଗଛ
ନେଡି ଗୁଡ଼ କହୁଣିକୁ ବୋହିଲାଣି
ଝୁରି ହେବ ଆଗ ପଛ।

– ଅଙ୍କିତ ସାହୁ
କ୍ଲାସ–୧୦, ଗ୍ଲୋବାଲ୍ ଇଣ୍ଡିଆନ
ମଡେଲ ସ୍କୁଲ, ବିଦ୍ୟାଧରପୁର,
କଟକ, ମୋ: ୮୨୪୯୬୮୪୫୯୯

## ସ୍ନାନ ପୂର୍ଣ୍ଣିମା

ସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ
ବସନ୍ତି ଚକାନୟନ,
ଭାଇଭଉଣୀଙ୍କୁ ସାଙ୍ଗରେ ନେଇଣ
କରନ୍ତି ଦେବ ସ୍ନାହାନ।
ଚନ୍ଦନ କର୍ପୂର ଅଗୁରୁ ମିଶାଇ
ହଳଦୀରେ ମାଖି ହୋଇ
ରତନ ବେଦିରୁ ଓହ୍ଲାଇ ଆସନ୍ତି
ଭକତ ଦେଖିବା ପାଇଁ।
ଶହେ ଆଠ ପାଣି ଗାଧୋଇ ହୁଅନ୍ତି
ସୁନାର କୂଅରୁ ଆଣି
ଜ୍ୱରରେ ସୁଅନ୍ତି କଳାଠାକୁର
ଖାଇ ଜଡ଼ିବୁଟି ପୁଣି।
ନବ ଯଉବନ ବେଶ ହୋଇ ପ୍ରଭୁ
ବିଜୟ ନନ୍ଦିଘୋଷରେ
ଗୁଣ୍ଡିଚା ଯାତରା କରି ବାହାରନ୍ତି
ଭାଇଭଉଣୀ ସାଥିରେ।

– ପୁଷ୍ପଲତା ସାହୁ
ମୋ: ୬୩୭୧୪୧୫୨୪୧

## ଆ' ରେ ଆ'ଦୋଳି

ଆ'ରେ ଆ' ଦୋଳି
ହେଉଛି କେତେ ଭାଳି,
ତୋ' କୋଳେ ଟିକେ ଝୁଲିବି
ବୋଲି
ରହିଛି ଚାହିଁ ଧ୍ୟାନ କରି
ନ ପାରେ କେବେ ଭୁଲି।
ବସିଲେ ଥରେ ମୁହିଁ
ମେଘକୁ ଯିବି ଛୁଇଁ,
ଦେଖିବି କେତେ ନୂଆ ସପନ
ଆକାଶ, ତାରା, କହିଁ ଜହ୍ନ
ପାଖକୁ ଯିବି ଧାଇଁ।
ଖାଇବୁ ପୋଡ଼ ପିଠା
ଖଜୁରି, ତାଳ, ମିଠା,
ସାଙ୍ଗ ସାଥୀଏ ହୋଇବେ ମେଳ
ଖେଳ ଖେଳରେ
ବୁଡ଼ିବ ବେଳ
କରିବା ମଜା ଥଟ୍ଟା।
ଆ' ରେ ଆ' ଦୋଳି
ଖେଳିବି ମନ ଭରି,
ବସାଇ ଦେବୁ ମୋ ମନ ଜାଣି
ଶୁଣାଉଥିବୁ ପରୀ କାହାଣୀ
ଲାଗିବ ସତେ ପଡ଼ିଛି ଆସି
ସରଗ ସୁଖ ଝରି।

– ଅନନ୍ତ କୁମାର ସେନାପତି
ବାଣ୍ଡପଡା, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ସବୁଠୁ ବଡ଼ ଆଇଫୋନ୍

ଆଇଫୋନ୍ ପ୍ରତି ପ୍ରାୟ ସମସ୍ତଙ୍କର ଆକର୍ଷଣ ରହିଥାଏ। ସେଥିପାଇଁ ତ ବିଶ୍ୱର ସବୁ ଦେଶରେ ଏହି ଫୋନ୍‌କୁ ନେଇ ଅନେକ ସମୟରେ ଚର୍ଚ୍ଚା ଲାଗିଥାଏ। ତେବେ ଏହି ଫୋନର ଏକ ମଡେଲ ଗିନିଜ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି, ଯାହାକୁ ତିଆରି କରିଛନ୍ତି ଭାରତୀୟ ମୂଳବାସିନ୍ଦା ତଥା ବ୍ରିଟିଶ ୟୁଟ୍ୟୁବର ଅରୁଣ ରୁପେଶ ମାଇନି। ସେ ତିଆରି କରିଥିବା ଫୋନ୍‌ଟି ଆଇଫୋନ ୧୫ ପ୍ରୋ ମାକ୍ସର ଏକ ରେପ୍ଲିକା ଭଳି। ଆଉ ସବୁଠୁ ବଡ କଥା ହେଉଛି ଏହି ଫୋନଟିର ଲମ୍ୱ ୭ ଫୁଟ। ଏହି ମଡେଲ ତିଆରି କରିବା ପାଇଁ ସେ ମାଥ୍ୟୁ ପର୍କଙ୍କ ସାହାଯ୍ୟ ନେଇଥିଲେ। ଏଥିରେ କ୍ୟାମେରା, ଫ୍ଲାଶ ଲାଇଟ୍, ଚାର୍ଜି ପୋର୍ଟ ସହିତ ଏକ ବଡ ସ୍କ୍ରିନ୍ ମଧ୍ୟ ରହିଛି। ଆଇଫୋନର ସମସ୍ତ କଲେକ୍ସନ ତୁଳନାରେ ଏହା ବହୁତ ବଡ। ତେଣୁ ସବୁଠୁ ବଡ ଆଇଫୋନଭାବେ ଏହାକୁ ଗିନିଜ୍ ରେକର୍ଡରେ ସ୍ଥାନ ଦିଆଯାଇଛି। ରୁପେଶଙ୍କ ପୂର୍ବରୁ ଏହି କ୍ଷେତ୍ରରେ କେହି ବି ରେକର୍ଡ କରିନାହାନ୍ତି।





## ଏଥରର ?

- ଶାସକ ଜୁଲିଅସ୍ ସିଜର ପୋଷ୍ୟ ସନ୍ତାନଭାବେ କାହାକୁ ଗ୍ରହଣ କରିଥିଲେ ?
- ୨୦୧୩ରେ ୟୁରୋପିଆନ୍ ୟୁନିଅନ୍‌ରେ ସାମିଲ ହୋଇଥିବା ଶେଷ ଦେଶର ନାମ ?
- ଭାରତରେ ଥିବା ସର୍ବାଧିକ ଜନସଂଖ୍ୟାର ସହର ?
- ସୌରମଣ୍ଡଳର ସବୁଠୁ ବଡ଼ ଗ୍ରହର ନାମ ?
- ପିଆନୋ କି–ବୋର୍ଡରେ କେତୋଟି କି ରହିଥାଏ ?

## ଗତଥରର ଉ ତ ର

- ଆମେରିକା
- ୧୪୭
- ବଲିଭିଆର ସହର ଲା ପାଜ୍
- ଜର୍ମାନ, ଫ୍ରେଞ୍ଚ, ଇଟାଲିଆନ୍ ଓ ରୋମାଂଶ
- କାଥେରିନ୍ ବିଗେଲୋ




## କହିଲ ଦେଖି

ପୁଣ୍ୟ ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ
ଏକଶହ ଆଠ କଳସୀରେ ସ୍ନାନ,
ହୁଅନ୍ତି ଚତୁର୍ଦ୍ଧା ମୂରତି
ଦିଅଁ ଜନ୍ମୋତ୍ସବ ପ୍ରଥମ ଉତ୍ସବ
ଗଜାନନ ବେଶ ହୁଅନ୍ତି ମାଧବ
ରହିଅଛି ଶୁଭ କୀରତି,
ଆମ ଗଉରବ,କିସ ଏ ପରବ ?



ଉତ୍ତର– ସ୍ନାନ ଯାତ୍ରା

ପୂର୍ଣ୍ଣିମା ଠାରୁ ପନ୍ଦର ଦିନ
ନେତ୍ରୋତ୍ସବ ଦିନ ଯାଏ,
ଠାକୁରେ ରହନ୍ତି ଜ୍ୱରରେ ପୀଡ଼ିତ
ଗୁପ୍ତରେ ରହନ୍ତି ସିଏ।
ଏହା କ'ଣ କୁହାଯାଏ ?



ଉତ୍ତର– ଅଣସର

ସ୍ନାନ ପୂର୍ଣ୍ଣିମାର ପର୍ବ ପରେ ପରେ
ଚତୁର୍ଦ୍ଧା ମୂରତି ଦର୍ଶନ ମିଳେନି
ଥାଆନ୍ତି ସେ ଅଣସର ଘରେ ।
ପୁରୀ ଜିଲା ବ୍ରହ୍ମଗିରିରେ,
କେଉଁ ଦେବତାଙ୍କୁ ଦରଶନ କରି
ଭକତ ଯାଆନ୍ତି ତରିରେ ।



ଉତ୍ତର– ଅଲାରନାଥ

ମହାରାଷ୍ଟ୍ରର ସେ ଗଣେଶ ଭକ୍ତ,
ଦରଶନ ପାଇଁ ଆସି ଶ୍ରୀକ୍ଷେତ୍ର ।
ନ ଦେଖି ଇଷ୍ଟଙ୍କୁ ମନରେ ଦୁଃଖ,
ଫେରି ଯାଉଥିଲେ ଫେରିକି ଦେଖିଲେ
ଗଣେଶ ରୂପରେ ଲଭିଲେ ସୁଖ ।
କିଏ ସେ ସିଏ,
ଆଦ୍ୟ ପୂଜ୍ୟ ଭକ୍ତ ଅଟନ୍ତି ଯିଏ ।




ଉତ୍ତର– ଗଣପତି ଭଟ୍ଟ


– କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮ ୧୩୩୫୫୯



# ଗଭୀରତମ ନଦୀ



*ପ୍ରାଚୀନ କାଳରେ ସାଧାରଣତଃ ନଦୀକୂଳମାନଙ୍କରେ ପ୍ରଥମେ ଜନବସତି ଗଢ଼ି ଉଠି ପରେ ସେଗୁଡିକ ସହରରେ ପରିଣତ ହୋଇଥିଲା। ନଦୀ ପାଣି ସାହାଯ୍ୟରେ ସେମାନେ ଚାଷ କାମ କରିବା ସହ ସେମାନଙ୍କର ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହୋଇପାରୁଥିଲା। ଅନ୍ୟପକ୍ଷରେ ନଦୀର ନିଜସ୍ୱ ଏକ ମହତ୍ତ୍ୱ ରହିଛି। ଲୋକମାନେ ନଦୀକୁ ପୂଜା କରିଥା'ନ୍ତି ବୋଲି ଅନେକ ଉଦାହରଣ ରହିଛି। ପ୍ରତିବର୍ଷ କେତେକ ପର୍ବ ପର୍ବାଣୀ ନଦୀକୂଳରେ ପାଳନ କରାଯାଏ। ବିଶ୍ୱରେ ପ୍ରମୁଖ ତଥା ଚର୍ଚ୍ଚିତ ନଦୀ ବିଷୟରେ ଏଠାରେ ସୂଚନା ଦିଆଯାଉଛି।*



## କଙ୍ଗୋ ନଦୀ

ଆଫ୍ରିକାରେ ଏହି ନଦୀ ପ୍ରବାହିତ। ଏହି ନଦୀଟି ସେଠାରେ ଆଉ ଏକ ନାମରେ ପରିଚିତ। ତାହା ହେଲା 'ଜାଇରେ ନଦୀ'। ଏହା ଆଫ୍ରିକାର ଦ୍ୱିତୀୟ ପ୍ରମୁଖ ନଦୀ ଭାବରେ ପରିଗଣିତ। ଏହି ନଦୀ ପୃଥିବୀର ସବୁଠାରୁ ଗଭୀରତମ ନଦୀ। ଏହାର ଗଭୀରତା ୨୨୦ ମିଟର। କେବଳ ସେତିକି ନୁହେଁ, କଙ୍ଗୋ ନଦୀ ମଧ୍ୟ ବହୁତ ଭୟଙ୍କର। ଏହି ନଦୀର ଲମ୍ବ ପ୍ରାୟ ୪୭୦୦କି.ମି ଓ ଏହାର ସ୍ରୋତ ବହୁତ ପ୍ରଖର ହୋଇଥାଏ। ତେଣୁ ଆଫ୍ରିକାରେ ଏହି ନଦୀର ପାଣିକୁ ହାଇଡ୍ରୋପାୱାର ଲାଗି ବ୍ୟବହାର କରାଯାଇଥାଏ।

## ୟାଗଜୀ ନଦୀ

ଚାଇନାର ଅନ୍ୟତମ ପ୍ରମୁଖ ନଦୀ ହେଉଛି ୟାଗଜୀ ନଦୀ। ଉକ୍ତ ନଦୀକୁ 'ଚାଇନାର ଜୀବନ ରେଖା' ବୋଲି ମଧ୍ୟ କୁହାଯାଏ। ଏହାର ଆଉ ଏକ ବିଶେଷତ୍ୱ ରହିଛି। ୟାଗଜୀ ନଦୀ ଦେଇ ଚାଇନାର ବେପାର ବାଣିଜ୍ୟ ଚାଲିଥାଏ। ତେଣୁ ଦେଶର ଆର୍ଥିକ ସ୍ଥିତିକୁ ଦୃଢ଼ କରିବାରେ ଏହାର ପରୋକ୍ଷରେ ଅନେକ ଅବଦାନ ରହିଛି। ଏହାର ଗଭୀରତା ୨୦୦ମିଟର ।

## ଡେନ୍ୟୁମ୍ ନଦୀ

ୟୁରୋପ ମହାଦେଶର ଏହା ଅନ୍ୟତମ ପ୍ରମୁଖ ନଦୀ। ଏହି ନଦୀ ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ ଏବଂ ରୋମାନିଆରେ ପ୍ରବାହିତ। ନଦୀର ଗଭୀରତା ପାଖାପାଖି ୧୭୮ ମିଟର। ବୋଲଗା ପରେ ଡେନ୍ୟୁବ୍ ନଦୀ ୟୁରୋପର ଦ୍ୱିତୀୟ ବୃହତ୍ତମ ନଦୀ। ଏହା ନାଟୋ ଦେଶଗୁଡ଼ିକର ବେପାର ବଣିଜ ଲାଗି ଉତ୍ତମ ମାର୍ଗ ଭାବେ ପରିଚିତ।

## ଜେମ୍ବେଜୀ ନଦୀ

ଆଫ୍ରିକାର ପ୍ରମୁଖ ନଦୀ ମଧ୍ୟରୁ ଏହା ଅନ୍ୟତମ। ଏହି ନଦୀଟି ୬ଟି ଦେଶ ମଧ୍ୟ ଦେଇ ପ୍ରଭାବିତ। ସେହି ଦେଶଗୁଡ଼ିକ ହେଲା– ଜାମ୍ବିଆ, ଆଙ୍ଗୋଲା, ନାମ୍ବିଆ, ଜିମ୍ବାୱେ ଏବଂ ମୋଜାମ୍ବିକ। ଏହାର ଗଭୀର ୧୧୬ ମିଟର। କିନ୍ତୁ ଅଲଗା ଅଲଗା ସ୍ଥାନରେ ଏହାର ଗଭୀରତା ଭିନ୍ନ ରହିଛି। ଏହାର ଏକ ୱାଟର ଫଲ୍ ରହିଛି, ଯାହାକୁ ଭିକ୍ଟୋରିଆ ଫଲ୍ କୁହାଯାଏ। ଏହା ବିଶ୍ୱର ସବୁଠାରୁ ବଡ଼ ଜଳପ୍ରପାତ।

## ବ୍ରହ୍ମପୁତ୍ର ନଦୀ

ଗଭୀରତମ ନଦୀ ତାଲିକାରେ ଭାରତର ଏକ ନଦୀ ରହିଛି ତାହା ହେଲା ବ୍ରହ୍ମପୁତ୍ର। ଏହାର ଗଭୀର ୧୨୪ ଫୁଟ ପର୍ଯ୍ୟନ୍ତ। ବର୍ଷାଦିନେ ଏହି ନଦୀ ପ୍ରବଳ ବନ୍ୟାର କାରଣ ପାଲଟିଥାଏ। ବିଶେଷଭାବରେ ଏହି ବନ୍ୟା ଦ୍ୱାରା ଆସାମ ଅଧିକ ପ୍ରଭାବିତ ହୋଇଥାଏ। ତେଣୁ ଏହାକୁ 'ଆସାମର ଦୁଃଖ' ବୋଲି ମଧ୍ୟ କୁହାଯାଏ। କିନ୍ତୁ ଏଥିରୁ ମିଳୁଥିବା ପଟୁମାଟି ଚାଷ ପାଇଁ ବେଶ୍ ଉପଯୋଗୀ।



# କାହାକୁ ଡରୁ ନ ଥିବା ପ୍ରାଣୀ

ସବୁ ପ୍ରାଣୀ କିଛି ନା କିଛି ଗୁଣ ପାଇଁ ପରିଚିତ ହୋଇଥାନ୍ତି। କିନ୍ତୁ ହନିବେଜର ଏପରି ଏକ ପ୍ରାଣୀ, ଯିଏକି କାହାକୁ ଡରେନି। ଏହି ପ୍ରାଣୀ ଉପରେ କୌଣସି ବିଷର ପ୍ରଭାବ ପଡି ନ ଥାଏ। ଏହି ଜୀବକୁ 'ପ୍ରକୃତିର ହୀରୋ' (Hero of Nature) ବୋଲି ମଧ୍ୟ କୁହାଯାଏ। ଏହାର ଶରୀର ଏତେ ନମନୀୟ ହୋଇଥାଏ ଯେ, ଯଦି ଏହାକୁ କୌଣସି ପ୍ରାଣୀ ଧରିନିଅନ୍ତି, ତେବେ ସେ ନିଜକୁ ସଙ୍କୁଚିତ କରି ତାଙ୍କ କବଳରୁ ସହଜରେ ଖସି ଆସିଥାଏ। ଯଦି କୌଣସି ବିଷଧର ସାପ ଏହାକୁ କାମୁଡ଼ି ଦେଇଥାଏ, ତେବେ ସେ କିଛି ସମୟ ପାଇଁ ବେହୋସ ହେଲା ପରେ ପୁଣି ହୋସ୍‌କୁ ଆସି ସାପକୁ ଶିକାର କରିଥାଏ। ହନିବେଜରକୁ ଛୋଟ ସଇତାନ୍ ମଧ୍ୟ କୁହାଯାଏ। ଏହି ଜୀବଟି ଆଫ୍ରିକା, ମଧ୍ୟ,ପୂର୍ବ ଏବଂ ଦକ୍ଷିଣ ଏସିଆରେ ଦେଖିବାକୁ ମିଳିଥାନ୍ତି। ଏହି ଜୀବ ବେଶ୍ ଚତୁର। କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଉପସ୍ଥିତ ବୁଦ୍ଧି ଖଟାଇ ସେମାନେ ସେଠାରୁ ମୁକୁଳି ଯାଇଥାନ୍ତି।। ଏହି ପ୍ରାଣୀଙ୍କ ଶରୀରରେ ମୁଣ୍ଡରୁ ଲାଞ୍ଜ ପର୍ଯ୍ୟନ୍ତ ଏକ ଚଉଡା ଧଳା ପଟି ଦେଖିବାକୁ ମିଳିଥାଏ। ଏମାନଙ୍କର ଦାନ୍ତ ମଧ୍ୟ ବହୁତ ଶକ୍ତ ।

# ଆ ଇ ନା



ଶ୍ରୀ ଆଚାର୍ଯ୍ୟ

୪ ବର୍ଷ/ପୁରୀ

ପ୍ରାଦନ୍ୟା ମିଶ୍ର

୯ ବର୍ଷ/ ଢ଼େଙ୍କାନାଳ

